ମେସର୍ସ ମୁକୁନ୍ଦ ଲିମିଟେଡ୍

ବନାମ

ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ

ଏପ୍ରିଲ 21, 2006

[ଏସ୍.ବି. ସିହ୍ନା ଏବଂ ପି.କେ. ବାଲାସୁବ୍ରମଣ୍ୟନ, ନ୍ୟାୟମୂର୍ତ୍ତିଦ୍ୱୟ]

*ମଧ୍ୟସ୍ଥତା ଅଧିନିୟମ, 1940 -ଧାରା 30 –ମଧ୍ୟସ୍ଥତା ଅଧିନିର୍ଣ୍ଣୟ -ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବାର୍ଷିକ 11 ପ୍ରତିଶତ ବିଚାରାଦେଶ ପରବର୍ତ୍ତୀ ସୁଧ ମଞ୍ଜୁର ହେଲା - ଆପତ୍ତି - ନିର୍ଣ୍ଣୟ ହେଲା:ତଥ୍ୟ ଅନୁସାରେ, ଏହା ବାର୍ଷିକ 7.5 ପ୍ରତିଶତକୁ ହ୍ରାସ ହେଲା ।*

**ମଧ୍ୟସ୍ଥତା ଅଧିନିୟମ, 1940 ଅନୁଯାୟୀ ଏକକ ମଧ୍ୟସ୍ଥଙ୍କ ଦ୍ୱାରା ପାରିତ ଏକ ମଧ୍ୟସ୍ଥ ଅଧିନିର୍ଣ୍ଣୟରୁ ବର୍ତ୍ତମାନର ଅପିଲ ଉତ୍ପନ୍ନ ହୋଇଛି । ଅଧିନିର୍ଣ୍ଣୟ ଅନୁଯାୟୀ, ଉତ୍ତରଦାତାଙ୍କୁ 1.26 କୋଟି ଟଙ୍କା ଏବଂ 75,600/- ଟଙ୍କା ଖର୍ଚ୍ଚ ପ୍ରଦାନ କରିବାକୁ ଅପିଲକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦେୟ ନଦେଲେ, ବାର୍ଷିକ 11% ହାରରେ ବିଚାରାଦେଶ ପରବର୍ତ୍ତୀ ସୁଧ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଚାରାଦେଶ ତାରିଖରୁ ପଇଠ କିମ୍ବା ଚୂଡ଼ାନ୍ତ ଆଦାୟ ତାରିଖ ପର୍ଯ୍ୟନ୍ତ ବାର୍ଷିକ 11% ହାରରେ ଅତିରିକ୍ତ ସୁଧ ସହିତ 71 ଲକ୍ଷ ଟଙ୍କାକୁ ହ୍ରାସ କରାଯାଇଥିବା ପରିମାଣ ବ୍ୟତୀତ ଉଚ୍ଚ ନ୍ୟାୟାଳୟ ଅଧିନିର୍ଣ୍ଣୟ ଉପରେ ଅପିଲକାରୀଙ୍କ ଆପତ୍ତିକୁ ଖାରଜ କରିଦେଇଥିଲେ ।**

**ଅପିଲକାରୀ ଏହି ନ୍ୟାୟାଳୟରେ ଅପିଲ କରି ନିବେଦନ କରିଥିଲେ ଯେ ମାମଲାର ତଥ୍ୟ ଏବଂ ପରିସ୍ଥିତି ଅନୁସାରେ, ବିଚାରାଦେଶ ପରବର୍ତ୍ତୀ ସୁଧକୁ ବାର୍ଷିକ 11% ରୁ 6% କୁ ହ୍ରାସ କରାଯାଉ ।**

**ଅପିଲକୁ ଫଇସଲା କରି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1. ପ୍ରତିଦ୍ୱନ୍ଦୀ ଉପସ୍ଥାପନାଗୁଡ଼ିକୁ ବିଚାର କରିବା ପରେ ଏବଂ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ପତ୍ରାଳାପ ଏବଂ ପରିସ୍ଥିତିର ସାମଗ୍ରିକ ଦୃଷ୍ଟିକୋଣରୁ ପରିସ୍ଥିତି ଏବଂ ସମ୍ପୃକ୍ତ କାରବାରକୁ ଲକ୍ଷ୍ୟ କରିବା ପରେ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ପରବର୍ତ୍ତୀ ବିଚାରାଦେଶ ସୁଧକୁ ହ୍ରାସ କରିବା ଉପଯୁକ୍ତ ହେବ । ଏହି ପରିସ୍ଥିତିରେ, ବାର୍ଷିକ ସାଢ଼େ ସାତ ପ୍ରତିଶତ ସୁଧ ହାର ଯୁକ୍ତିଯୁକ୍ତ ହେବ, ଯାହା ବିଚାରାଦେଶ ପରବର୍ତ୍ତୀ ସମୟ ପାଇଁ ଅପିଲକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ପ୍ରଦାନ କରାଯିବା ପାଇଁ ନିର୍ଦ୍ଦେଶିତ ହୋଇପାରିବ । ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥରାଶି ସେହି ବିଚାରାଦେଶ ଜାରି ହେବା ଦିନଠାରୁ ଚୂଡ଼ାନ୍ତ ପଇଠ ଏବଂ/କିମ୍ବା ଆଦାୟ ତାରିଖ ପର୍ଯ୍ୟନ୍ତ ବାର୍ଷିକ ସାଢ଼େ ସାତ ପ୍ରତିଶତ ହାରରେ ସୁଧ ବହନ କରିବ ଏବଂ ସେଥିରେ ପ୍ରଦାନ କରାଯାଇଥିବା ମଧ୍ୟସ୍ଥତା ପ୍ରକ୍ରିୟାର ଖର୍ଚ୍ଚ ବହନ କରିବ ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2153/2006 ।

ଏ.ପି. ନଂ. 177/1994ରେ ଅପିଲ ସଂଖ୍ୟା 1147/98 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 17.12.2004 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଅଶୋକ ଏଚ. ଦେଶାଇ, ପ୍ରକାଶ ସାହ, ରୀନା ବଗ୍ଗା ଏବଂ ଜୟ ସାୱଲା ।

ଉତ୍ତରଦାତାଙ୍କ ପାଇଁ ଟି.ଆର୍. ଅନ୍ଧିୟାରୁଜିନା, ପାରିଜାତ ସିହ୍ନା, ସ୍ନେହାଶୀଷ ମୁଖାର୍ଜୀ, ଏସ୍.ସି. ଘୋଷ ଏବଂ ମୃଣାଲ କାନ୍ତି ମଣ୍ଡଳ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ପି.କେ. ବାଲାସୁବ୍ରମଣ୍ୟନ ।** ଅନୁମତି ପ୍ରଦାନ କରାଗଲା ।

1. ମଧ୍ୟସ୍ଥତା ଅଧିନିୟମ, 1940 (ସଂକ୍ଷେପରେ "ଅଧିନିୟମ") ଅନୁଯାୟୀ ତାଙ୍କୁ ଦିଆଯାଇଥିବା ଏକ ବିଚାରାର୍ଥେ ପ୍ରେରଣ ଉପରେ ମଧ୍ୟସ୍ଥଙ୍କ ଦ୍ୱାରା ଦିଆଯାଇଥିବା ଏକ ଅଧିନିର୍ଣ୍ଣୟରୁ ଏହି ଅପିଲ ଉତ୍ପନ୍ନ ହୋଇଛି । ଯଦିଓ ଅପିଲକାରୀ ଏବଂ ଉତ୍ତରଦାତାଙ୍କ ମଧ୍ୟରେ ଏହାକୁ ନେଇ ବିବାଦ ଥିଲା ଯେ, ମଧ୍ୟସ୍ଥତା ପାଇଁ ବିଚାରାର୍ଥେ ପ୍ରେରଣକୁ ନ୍ୟାୟସଂଗତ କରିବା ପାଇଁ କୌଣସି ମଧ୍ୟସ୍ଥତା ଖଣ୍ଡ ବିଦ୍ୟମାନ ଥିଲା କି ନାହିଁ, ଶେଷରେ ଅପିଲକାରୀ ଉତ୍ତରଦାତାଙ୍କ ଦ୍ୱାରା ପ୍ରସ୍ତାବିତ ମଧ୍ୟସ୍ଥମାନଙ୍କ ମଧ୍ୟରୁ ଜଣଙ୍କ ନିଯୁକ୍ତିକୁ ସ୍ୱୀକାର କଲେ, ତେବେ ସେ ସ୍ପଷ୍ଟ କରିଦେଲେ ଯେ, ଅପିଲକାରୀ "କଥିତ ଚୁକ୍ତି ଅନୁସାରେ ନୁହେଁ, ବରଂ ସେହି କଥିତ ଚୁକ୍ତିର ବାହାରେ ଥିବା ଭାବରେ ମଧ୍ୟସ୍ଥଙ୍କ ନିଯୁକ୍ତିକୁ ସ୍ୱୀକାର କରୁଛନ୍ତି, ଯାହା ଦ୍ୱାରା ଏହା ନିର୍ଣ୍ଣୟ କରାଯିବ ଯେ କୌଣସି ସମ୍ପୂର୍ଣ୍ଣ ଚୁକ୍ତି ସାର୍ଥକ ଭାବେ ହୋଇଛି କି ନାହିଁ ଏବଂ ଯେକୌଣସି ପରିସ୍ଥିତିରେ ଆପଣ ସେହି କଥିତ ଚୁକ୍ତିର ମଧ୍ୟସ୍ଥତା ଖଣ୍ଡକୁ ଆହ୍ୱାନ କରିପାରିବେ କି ନାହିଁ ।" ତେଣୁ ଏହି ବିବାଦକୁ ଏକମାତ୍ର ମଧ୍ୟସ୍ଥଙ୍କ ନିକଟକୁ ପଠାଯାଇଥିଲା । ଏକମାତ୍ର ମଧ୍ୟସ୍ଥ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିବା ସମୟରେ କହିଥିଲେ ଯେ ପକ୍ଷମାନଙ୍କ ମଧ୍ୟରେ ଏକ ବୈଧ ଚୁକ୍ତିନାମା ହୋଇଥିଲା; ଚୁକ୍ତିରେ ଏକ ମଧ୍ୟସ୍ଥତା ଖଣ୍ଡ ରହିଥିଲା ଏବଂ ଯୋଗ୍ୟତା ଆଧାରରେ ଦାବିର ବିଚାର କରିବା ପାଇଁ ଅଗ୍ରସର ହୋଇଥିଲେ ଏବଂ ଅପିଲକାରୀଙ୍କୁ 31.07.1994 ରେ କିମ୍ବା ତା'ପୂର୍ବରୁ ଉତ୍ତରଦାତାଙ୍କୁ 1,26,67,529.10 ଟଙ୍କା ଏବଂ ଖର୍ଚ୍ଚ 75,600/- ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇ ଏକ ଅଧିନିର୍ଣ୍ଣୟ ପାରିତ କରିଥିଲେ ଏବଂ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ଅପିଲକାରୀଙ୍କୁ 28.06.1994 ରୁ ଦେୟ ତାରିଖ ପର୍ଯ୍ୟନ୍ତ 1,26,67,529.10 ଟଙ୍କା ଉପରେ ବାର୍ଷିକ 11 ପ୍ରତିଶତ ହାରରେ ସୁଧ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । 27.06.1994 ରେ ଏହି ଅଧିନିର୍ଣ୍ଣୟ ଘୋଷଣା କରାଯାଇଥିଲା ।

2. ଅଧିନିୟମର ଧାରା 30 ଅନୁଯାୟୀ ଅଧିନିର୍ଣ୍ଣୟକୁ ବାତିଲ କରିବା ପାଇଁ ଅପିଲକାରୀ ବମ୍ବେ ଉଚ୍ଚ ନ୍ୟାୟାଳୟକୁ ଏହାର ମୂଳ ଦେୱାନୀ କ୍ଷେତ୍ରାଧିକାରରେ ଆବେଦନ କରିଥିଲେ । ବମ୍ବେ ଉଚ୍ଚ ନ୍ୟାୟାଳୟର ଜଣେ

ମାନ୍ୟବର ଏକକ ନ୍ୟାୟମୂର୍ତ୍ତି ରାଶି ପରିମାଣ ବ୍ୟତୀତ ଏହି ଅଧିନିର୍ଣ୍ଣୟ ଉପରେ ଅପିଲକାରୀଙ୍କ ଆପତ୍ତିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏକକ ନ୍ୟାୟମୂର୍ତ୍ତି ଅପିଲକାରୀଙ୍କୁ ଉତ୍ତରଦାତାଙ୍କ ଦ୍ୱାରା ଦେୟ ହେବାକୁ ଥିବା ପରିମାଣକୁ 71,31, 954.40 ଟଙ୍କାକୁ ହ୍ରାସ କରି ଅଧିନିର୍ଣ୍ଣୟକୁ ପରିବର୍ତ୍ତନ କରିଛନ୍ତି, ଯେଉଁଥିରେ ମଧ୍ୟସ୍ଥତା ଖର୍ଚ୍ଚ 75,600/- ଟଙ୍କା ଏବଂ ବିଚାରାଦେଶ ତାରିଖରୁ ଦେୟ କିମ୍ବା ଚୂଡ଼ାନ୍ତ ଆଦାୟ ପର୍ଯ୍ୟନ୍ତ ବାର୍ଷିକ 11 ପ୍ରତିଶତ ହାରରେ ଅଧିକ ସୁଧ ଅନ୍ତର୍ଭୁକ୍ତ । ଦୁଇଜଣିଆ ଖଣ୍ଡପୀଠଙ୍କ ସମ୍ମୁଖରେ ଅପିଲକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଅପିଲକୁ ଦୁଇଜଣିଆ ଖଣ୍ଡପୀଠ ଖାରଜ କରି ମଧ୍ୟସ୍ଥଙ୍କ ଏହି ନିଷ୍ପତ୍ତିକୁ ବଜାୟ ରଖିଥିଲେ ଯେ ପକ୍ଷମାନଙ୍କ ମଧ୍ୟରେ ଏକ ଚୂଡ଼ାନ୍ତ ଚୁକ୍ତିନାମା ହୋଇଥିଲା ଏବଂ ଏକ ମଧ୍ୟସ୍ଥତା ଖଣ୍ଡ ଥିଲା ଯାହା ଆଧାରରେ ପକ୍ଷମାନଙ୍କ ମଧ୍ୟରେ ବିବାଦଗୁଡ଼ିକୁ ମଧ୍ୟସ୍ଥତାକୁ ପଠାଯାଇପାରିବ ଏବଂ ଫଳସ୍ୱରୂପ, ଅଧିନିର୍ଣ୍ଣୟ କ୍ଷେତ୍ରାଧିକାର ମଧ୍ୟରେ ପ୍ରଦାନ କରାଯାଇଥିଲା । ଏହାଦ୍ୱାରା ବ୍ୟଥିତ ହୋଇ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଅପିଲକାରୀଙ୍କ ଦ୍ୱାରା ଦାୟର କରାଯାଇଛି ।

3. ଅପିଲକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଉଚ୍ଚ ନ୍ୟାୟାଳୟ ଏବଂ ମଧ୍ୟସ୍ଥଙ୍କ ନିର୍ଣ୍ଣୟକୁ ଆପତ୍ତି କରିଥିଲେ ଯେ ପକ୍ଷମାନଙ୍କ ମଧ୍ୟରେ ଏକ ଚୂଡ଼ାନ୍ତ ଚୁକ୍ତିନାମା ହୋଇଥିଲା । ସେ ଆହୁରି ଯୁକ୍ତି ରଖିଥିଲେ ଯେ ଯଦିଓ ଏକ ଚୁକ୍ତିନାମା ଚୂଡ଼ାନ୍ତ ହୋଇଥିଲା, ଚୁକ୍ତିନାମାରେ କିମ୍ବା ଏହା ସମ୍ବନ୍ଧୀୟ ଚିଠିପତ୍ରରେ କୌଣସି ମଧ୍ୟସ୍ଥତା ଚୁକ୍ତି ନଥିଲା । ସେ ଯୋଗ୍ୟତା ଉପରେ ମଧ୍ୟ ଯୁକ୍ତି କରିଥିଲେ ଯେ କ୍ଷତିପୂରଣ ପ୍ରଦାନ କରିବାରେ ମଧ୍ୟସ୍ଥ ନ୍ୟାୟସଙ୍ଗତ ନଥିଲେ । ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ପାଇଁ ଜଣେ ବିଜ୍ଞ ବରିଷ୍ଠ ଓକିଲ ଉପସ୍ଥାପନ କରିଥିଲେ ଯେ ମଧ୍ୟସ୍ଥଙ୍କ ଦ୍ୱାରା ଏକ ଚୂଡ଼ାନ୍ତ ଚୁକ୍ତିନାମା ଅସ୍ତିତ୍ୱକୁ ଆସିଛି ବୋଲି ନିର୍ଣ୍ଣୟ ଉପଲବ୍ଧ ତଥ୍ୟର ତର୍ଜମା ଏବଂ ପ୍ରାପ୍ତ ପରିସ୍ଥିତିର ମୂଲ୍ୟାଙ୍କନ ଉପରେ ଆଧାରିତ ଥିଲା ଏବଂ ମଧ୍ୟସ୍ଥଙ୍କ ଦ୍ୱାରା ଏପରି ନିର୍ଣ୍ଣୟ ଅଧିନିୟମର ଧାରା 30 ଅନୁଯାୟୀ କାର୍ଯ୍ୟରେ ସଂଶୋଧନ ପାଇଁ ଉପଯୁକ୍ତ ନୁହେଁ ଯାହା ନ୍ୟାୟାଳୟକୁ କେବଳ ଏକ ପରିବୃତ୍ତ କ୍ଷେତ୍ରାଧିକାର ପ୍ରଦାନ କରିଥିଲା । ଓକିଲ ଦର୍ଶାଇଥିଲେ ଯେ ମଧ୍ୟସ୍ଥ ନିଜେ କିମ୍ବା କାର୍ଯ୍ୟାନୁଷ୍ଠାନକୁ ଭୁଲ୍ ଭାବରେ ପରିଚାଳନା କରି ନଥିଲେ । ସେ ଏହା ମଧ୍ୟ ଉପସ୍ଥାପନ କରିଥିଲେ ଯେ ନଥିରେ କୌଣସି ତ୍ରୁଟି ନଥିଲା ଯାହା ଏହି ନ୍ୟାୟାଳୟଙ୍କ ହସ୍ତକ୍ଷେପକୁ ଯଥାର୍ଥ କରିବ, ବିଶେଷକରି ଯେତେବେଳେ ଏକକ ନ୍ୟାୟମୂର୍ତ୍ତି ଏବଂ ବମ୍ବେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଉତ୍ତରଦାତାଙ୍କ ଦ୍ୱାରା ଅସୁଲି ପରିମାଣର ପରିବର୍ତ୍ତନ ସାପେକ୍ଷେ ଅଧିନିର୍ଣ୍ଣୟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ଏହି ଅଧିନିର୍ଣ୍ଣୟକୁ ଅନ୍ୟଥା ଅବୈଧ ବୋଲି ମଧ୍ୟ କୁହାଯାଇପାରିବ ନାହିଁ ।

4. ପକ୍ଷମାନଙ୍କ ମଧ୍ୟରେ କୌଣସି ଚୂଡାନ୍ତ ଚୁକ୍ତି ହୋଇ ନଥିଲା ଏବଂ କୌଣସି ମଧ୍ୟସ୍ଥତା ଖଣ୍ଡ ବିଦ୍ୟମାନ ନଥିଲା ବୋଲି ଦର୍ଶାଇବା ପ୍ରୟାସରେ ଅପିଲକାରୀଙ୍କ ପାଇଁ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଆମକୁ ବିସ୍ତୃତ ଭାବରେ ତଥ୍ୟ ମାଧ୍ୟମରେ ନିଆଯାଇଥିଲା । ସେ ଯୁକ୍ତି କରିବାକୁ ଚେଷ୍ଟା କରିଥିଲେ ଯେ ଅପିଲକାରୀ ଯାହା ପାଇଁ ରାଜି ହୋଇଥିଲେ ତାହା ହେଉଛି ମଧ୍ୟସ୍ଥତା ଖଣ୍ଡ ଧାରଣ କରିଥିବା ପକ୍ଷମାନଙ୍କ ମଧ୍ୟରେ ଏକ ନିଷ୍ପନ୍ନ

ଚୁକ୍ତିନାମା ଅଛି କି ନାହିଁ ତାହା ସ୍ଥିର କରିବାକୁ ଜଣେ ମଧ୍ୟସ୍ଥଙ୍କ ନିଯୁକ୍ତି ଏବଂ ମଧ୍ୟସ୍ଥ, ମାନ୍ୟବର ଏକକ ନ୍ୟାୟମୂର୍ତ୍ତି ଏବଂ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଏହି ପ୍ରଶ୍ନ ଉପରେ କୌଣସି ସୁସଂଗତ ଫଳାଫଳ ନାହିଁ ଏବଂ ତିନି ଜଣଙ୍କ ଆଭିମୁଖ୍ୟ ଏବଂ ଯୁକ୍ତି ସାମଗ୍ରୀକ ଭାବରେ ଭିନ୍ନ ଥିଲା । ଉତ୍ତରଦାତାଙ୍କ ଓକିଲ ନିଶ୍ଚିତ ଭାବରେ ଉପସ୍ଥାପନ କରିଥିଲେ ଯେ ମଧ୍ୟସ୍ଥତାକୁ ବିଚାରାର୍ଥେ ପ୍ରେରଣ ହୋଇଥିବା ପ୍ରଶ୍ନ ହେଉଛି ପକ୍ଷମାନଙ୍କ ମଧ୍ୟରେ ଏକ ଚୁକ୍ତିନାମା ନିଷ୍ପନ୍ନ ହୋଇଛି କି ନାହିଁ, ଏକ ମଧ୍ୟସ୍ଥତା ଖଣ୍ଡ ଅଛି କି ନାହିଁ, ଏବଂ ଅପିଲକାରୀଙ୍କଠାରୁ ଉତ୍ତରଦାତାଙ୍କ ପାଇଁ ପ୍ରାପ୍ୟ ପରିମାଣ, ଯଦି ଥାଏ, ତାହା କେତେ ଥିଲା ।ସେ ଉପସ୍ଥାପନ କରିଥିଲେ ଯେ ତଥ୍ୟ ଉପରେ ଆଧାରିତ ଏହି ଦିଗଗୁଡ଼ିକ ଉପରେ ଫଳାଫଳ ସମ୍ପୂର୍ଣ୍ଣ ସଠିକ୍ ଥିଲା ଏବଂ ଏଥିରେ ହସ୍ତକ୍ଷେପ କରିବାର କୌଣସି ସୁଯୋଗ ନଥିଲା ।

5. ଅପିଲକାରୀଙ୍କ ପାଇଁ ବିଜ୍ଞ ଓକିଲଙ୍କ ଦ୍ୱାରା ଆମ ସମ୍ମୁଖରେ ରଖାଯାଇଥିବା ତଥ୍ୟ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିବା ଆମେ ଆବଶ୍ୟକ ଭାବୁନାହୁଁ । ଶୁଣାଣି ସମୟରେ ଯେତେବେଳେ ଆମେ ପକ୍ଷମାନଙ୍କ ମଧ୍ୟରେ କାରବାରର ପ୍ରକୃତି ଏବଂ ସେମାନଙ୍କ ମଧ୍ୟରେ ନିରନ୍ତର ଏବଂ ସମ୍ଭାବ୍ୟ ବ୍ୟବସାୟିକ ସମ୍ପର୍କ ଉପରେ ଧ୍ୟାନ ଦେଇଥିଲୁ, ଆମେ ଅପିଲକାରୀଙ୍କ ଓକିଲଙ୍କୁ କହିଥିଲୁ ଯେ ଯଦି ଆମେ ତାଙ୍କ ଯୁକ୍ତିକୁ ଗ୍ରହଣ କରୁ ଏବଂ କୌଣସି ମଧ୍ୟସ୍ଥତା ଚୁକ୍ତିନାମା ନଥିଲା ବୋଲି ଧରିଥାଉ, ତେବେ ଏହା ବିବାଦର ଅନ୍ତ କରିନପାରେ ଏବଂ ଏହା ଆଗାମୀ ବର୍ଷ ପାଇଁ ପକ୍ଷମାନଙ୍କୁ ଆଉ ଏକ ମାମଲା ଲଢ଼ିବାକୁ ବାଧ କରିବ, ଯାହା ଫଳରେ ସେମାନଙ୍କର ବାଣିଜ୍ୟିକ ସମ୍ପର୍କ ଆହୁରି ତିକ୍ତ ହେବ । ପରିଶେଷରେ, ଅପିଲକାରୀଙ୍କ ଓକିଲ ଉପସ୍ଥାପନ କରିଥିଲେ ଯେ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ବିଚାରାଦେଶ ତାରିଖରୁ ଦେୟ କିମ୍ବା ଆଦାୟ ତାରିଖ ପର୍ଯ୍ୟନ୍ତ ବାର୍ଷିକ 11 ପ୍ରତିଶତ ସୁଧ ପ୍ରଦାନ ଦ୍ୱାରା ଅପିଲକାରୀ ପ୍ରକୃତରେ ବ୍ୟଥିତ ଥିଲେ । ଏଭଳି ପରିସ୍ଥିତିରେ ବିଚାରାଦେଶ ପରବର୍ତ୍ତୀ ସୁଧକୁ ବାର୍ଷିକ 6 ପ୍ରତିଶତକୁ ହ୍ରାସ କରିବା ଲାଗି ସେ ନିବେଦନ କରିଥିଲେ । ଉତ୍ତରଦାତାଙ୍କ ପକ୍ଷରୁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଅପିଲକାରୀଙ୍କ ଆଚରଣ ଏପରି କୌଣସି ସୁଧ ହ୍ରାସକୁ ଯଥାର୍ଥ କରେ ନାହିଁ ଯେପରି ଦାବି କରାଯାଇଛି ଏବଂ ଚୁକ୍ତିନାମାର ପ୍ରକୃତି ଏବଂ ଅପିଲକାରୀଙ୍କ ପକ୍ଷରୁ ଖିଲାପକୁ ବିଚାରକୁ ନେଇ, ନିର୍ଣ୍ଣୟ କରାଯାଇଥିବା ବିଚାରାଦେଶ ପରବର୍ତ୍ତୀ ସୁଧର ହାର ଯଥାର୍ଥ ଥିଲା । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଉପସ୍ଥାପନଗୁଡ଼ିକୁ ବିଚାର କରିବା ପରେ ଏବଂ ପକ୍ଷମାନଙ୍କ ମଧ୍ୟରେ ପତ୍ରାଳାପ ଏବଂ ପରିସ୍ଥିତିର ସାମଗ୍ରିକ ଦୃଷ୍ଟିକୋଣରୁ ପରିସ୍ଥିତି ଏବଂ ସମ୍ପୃକ୍ତ କାରବାରକୁ ଲକ୍ଷ୍ୟ କରିବା ପରେ, ଆମେ ଏହି ମତ ଦେଉଛୁ ଯେ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିଚାରାଦେଶ ପରବର୍ତ୍ତୀ ସୁଧକୁ ହ୍ରାସ କରିବା ଉପଯୁକ୍ତ ହେବ । ଆମେ ଭାବୁଛୁ ଯେ ଏହି ପରିସ୍ଥିତିରେ ବାର୍ଷିକ ସାଢ଼େ ସାତ ପ୍ରତିଶତ ଯୁକ୍ତିଯୁକ୍ତ ସୁଧ ହାର ହେବ ଯାହା ଅପିଲକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କୁ, ବିଚାରାଦେଶ ପରବର୍ତ୍ତୀ ଅବଧି ପାଇଁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇପାରିବ । ତେଣୁ, ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦିଆଯାଇଥିବା ସଂଶୋଧିତ ରାୟକୁ ସମର୍ଥନ କରୁଥିବା ଦୁଇଜଣିଆ ଖଣ୍ଡପୀଠଙ୍କ ନିର୍ଣ୍ଣୟକୁ ଆମେ ନିଶ୍ଚିତ କରୁଥିବାବେଳେ, ବିଚାରାଦେଶ ପରେ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦିଆଯାଇଥିବା ସୁଧକୁ ଆମେ ବାର୍ଷିକ ଏଗାର ପ୍ରତିଶତରୁ ସାଢ଼େ ସାତ ପ୍ରତିଶତକୁ

ହ୍ରାସ କରୁଛୁ । ଅନ୍ୟ ଶବ୍ଦରେ, ଆମେ ନିର୍ଣ୍ଣୟ କରୁଛୁ ଯେ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ତାଙ୍କ ରାୟର ଅନୁଚ୍ଛେଦ 13 ଅନୁଯାୟୀ ପ୍ରଦାନ କରାଯାଇଥିବା ରାଶି ସେହି ବିଚାରାଦେଶ ତାରିଖ (18.08.1998) ଠାରୁ ଚୂଡ଼ାନ୍ତ ଦେୟ ଏବଂ/କିମ୍ବା ଆଦାୟ ତାରିଖ ଏବଂ ଏଥିରେ ପ୍ରଦାନ କରାଯାଇଥିବା ମଧ୍ୟସ୍ଥତା ପ୍ରକ୍ରିୟାର ଖର୍ଚ୍ଚ ପର୍ଯ୍ୟନ୍ତ ବାର୍ଷିକ ସାଢ଼େ ସାତ ପ୍ରତିଶତ ହାରରେ ସୁଧ ବହନ କରିବ । ଏହି ପରିସ୍ଥିତିରେ ଆମେ ପକ୍ଷମାନଙ୍କୁ ଏହି ନ୍ୟାୟାଳୟରେ ନିଜ ନିଜ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦେଉଛୁ ।

6. ଉପରୋକ୍ତ ସର୍ତ୍ତାବଳୀ ଆଧାରରେ ଅପିଲର ଫଇସଲା କରାଯାଇଛି ।

ବି.ବି.ବି. ଅପିଲ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।